# ପିଲାଙ୍କ ଧରିତ୍ରୀ

ଶନିବାର, ୨୬ ଅକ୍ଟୋବର, ୨୦୧୯



କବିତା ୬

ଆଇନା ୮

ଇକୋଫ୍ରେଣ୍ଡଲି ଦିୱାଲି ୭

## ମତାମତ

“ଜଣା ଅଜଣା ପୃଷ୍ଠାଟି ବେଶ୍ ଉପଯୋଗୀ ଏବଂ ଶିକ୍ଷଣୀୟ ହେଉଛି। ପିଲାଙ୍କ ଧରିତ୍ରୀରେ ଆଉ ୨ ପୃଷ୍ଠା ବୃଦ୍ଧି ସହ ପ୍ରବାଦ, ସାଧାରଣ ଜ୍ଞାନ ପ୍ରକାଶ ପାଇଲେ ଭଲ ହୁଅନ୍ତା।

- **ସାଇ ପ୍ରସାଦ ସାହୁ,** ସିନ୍ଧେକେଲା, ବଲାଙ୍ଗୀର

“ପ୍ରକାଶ ପାଇଥିବା କୁମାର ପୂର୍ଣ୍ଣିମା କବିତା ଭଲ ଲାଗିଲା। କହିଲ ଦେଖି ବେଶ୍ ମଜାଦାର ହେଉଛି।

- **ସୌମ୍ୟରଞ୍ଜନ ପଣ୍ଡା,** କ୍ରିଦାଶପୁର, ନୟାଗଡ଼

“ଗପ ସ୍ତମ୍ଭରେ ପ୍ରକାଶ ପାଉଥିବା ସମସ୍ତ ଗପରୁ କିଛି ନୀତିଶିକ୍ଷା ମିଳୁଛି।

- **ମାନସ ରଞ୍ଜନ ସାହୁ,** ପଲ୍ଲାହାଟ, ଖୋର୍ଦ୍ଧା

“ନିୟମିତ ପ୍ରକାଶ ପାଉଥିବା ଚଗଲା ଭୀମୁ, ଆସ ଖୋଜିବା ଓ ବିନ୍ଦୁ ଯୋଡ଼ ମୋର ପସନ୍ଦ।

- **ସୋମା, ଲୋନି,** ଛତ୍ରପୁର, ଗଞ୍ଜାମ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୭ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଦୀପାବଳିର ଉପହାର




ଗପ

ଆଜି ଦୀପାବଳି ତା’ ସହିତ ଅମିତ୍‌ବାବୁଙ୍କ ଜନ୍ମଦିନ। ସକାଳୁ ଉଠି ନିତ୍ୟକର୍ମ ଓ ଠାକୁରପୂଜା ସାରିଲେ। ଜଳଖିଆ ଖାଇ ବାରଣ୍ଡାରେ ଖବରକାଗଜ ଧରି ପଢ଼ିବାକୁ ଲାଗିଲେ, ଭାବିଲେ ପୁଅ ଝିଅ ସକାଳୁ ଉଠି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବେ। ହେଲେ ପୁଅ,ଝିଅ, ସ୍ତ୍ରୀ କେହି ବି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ନାହିଁ। ଅମିତ୍‌ବାବୁ ମନେ ମନେ ଭାରି ଦୁଃଖ କଲେ। ହଠାତ୍ ସ୍ତ୍ରୀ ନିରୁପମା କହିଲେ– ଝିଅ ରୀନା କହୁଛି ତା’ ପାଇଁ ଗୋଟେ ଭଲ ମୋବାଇଲ କିଣିବା ପାଇଁ। ତା’ ସାଙ୍ଗମାନେ ସମସ୍ତେ ନୂଆ ନୂଆ ମଡେଲର ମୋବାଇଲ୍ ଧରୁଛନ୍ତି। ପଛେ ପଛେ ପୁଅ ଆକାଶ ମଧ ଏ କଥା ଶୁଣି ରୀନା ପାଇଁ ଗୋଟିଏ ନୂଆ ଫୋନ୍ ଆଣିବା ପାଇଁ କହିଲା। ସ୍ତ୍ରୀ ଓ ପୁଅ କଥା ଶୁଣି ଅମିତ୍‌ବାବୁ ଆହୁରି ଭାଙ୍ଗିପଡିଲେ। ଭାବିଥିଲେ ସମସ୍ତେ ମିଶି ଜନ୍ମଦିନର ଶୁଭେଚ୍ଛା ଜଣାଇବେ। ହେଲେ ଏ କ’ଣ ଏମାନେ ତ ନୂଆ ମୋବାଇଲ୍ ପାଇଁ ଫରମାଇସ୍ କରୁଛନ୍ତି। ଏ କଥା ଭାବି ଭାବି ମନଦୁଃଖରେ ଖବରକାକଜ ପଢ଼ିବାକୁ ଲାଗିଲେ। ଦିପହର ବେଳକୁ ଡାଇନିଂ ଟେବୁଲ୍‌ରେ ସମସ୍ତେ ଚୁପ୍‌ଚାପ୍ ହୋଇ ଖାଇବା ଶେଷ କଲେ। ଅମିତ୍ ବାବୁ ସନ୍ଧ୍ୟାବେଳେ ସାଙ୍ଗ ମୋବାଇଲ୍ ଦୋକାନକୁ ଯାଇ ରୀନା ପାଇଁ ଗୋଟିଏ ଦାମିକା ନୂଆ ମଡେଲରେ ମୋବାଇଲ୍ କିଣି ଆଣିଲେ। ଘରକୁ ଆସି ଦେଖିଲେ ଦାଣ୍ଡରେ ଆଲୁଅ ଜଳୁନାହିଁ। ମନେ ମନେ ରାଗିଲେ ଏବଂ ଦୁଃଖ ମଧ କଲେ। ଘରସାରା ଅନ୍ଧାର। କେହି ଦେଖାଯାଉ ନାହାନ୍ତି। ଏତିକି ବେଳେ ରୀନା ଦୌଡି ଆସି ବାପାଙ୍କ ହାତରୁ ନୂଆ ଫୋନ୍ ବ୍ୟାଗ୍‌ଟିକୁ ନେଇ ଖୁସିରେ କୁଣ୍ଢେଇ ପକାଇଲା। ଘର ଏତେ ଅନ୍ଧାର କ’ଣ ପାଇଁ ହୋଇଛି ପଚାରିବାରୁ କରେଣ୍ଟ ଚାଲିଯାଇଛି କହି ଘର ଭିତରକୁ ଚାଲିଗଲା। ଅମିତ୍‌ବାବୁ ମଧ ରୀନା ପଛେ ପଛେ ଘର ଭିତରକୁ ପଶିଗଲେ। ଘର ଭିତରକୁ ପଶୁ ପଶୁ ହଠାତ୍ ଚାରିଆଡେ ଆଲୁଅ ଜଳି ଉଠିଲା, ବେଲୁନ୍ ଫୁଟିଲା ଏବଂ ଏକାସଙ୍ଗରେ ‘ହାପି ବାର୍ଥ ଡେ’ ଶବ୍ଦରେ ଘର ପୂରି ଉଠିଲା। ଏହାଦେଖି ଅମିତ୍‌ବାବୁ କାବା ହୋଇଗଲେ। ରୀନା ଆସି କହିଲା– ବାପା, ଆସ କେକ୍ କାଟିବା। ପୁଅ ଓ ଝିଅ ସହିତ ସ୍ତ୍ରୀ ନିରୁପମାଙ୍କ ତାଳି ଓ ହାପି ବାର୍ଥ ଡେ ଗୁଞ୍ଜନରେ କେକ୍ କଟା ହେଲା। ସାରା ଦିନର ଅବସାଦ ଗୋଟେ ମୁହୂର୍ତ୍ତରେ କୁଆଡେ ଉଭେଇ ଗଲା। ଝିଅ ରୀନା ଘର ଭିତରକୁ ଦୌଡିଯାଇ ନାଲି ରଙ୍ଗର ପ୍ୟାକେଟଟି ଆଣି କହିଲା–ବାପା ଆଜି ଦୀପାବଳିରେ ତୁମ ଜନ୍ମଦିନ ଏବଂ ଏଇଟା ତୁମ ପାଇଁ ଆମ ତରଫରୁ ଜନ୍ମଦିନର ଉପହାର। ଅମିତ୍‌ବାବୁ ଖୁସି ହୋଇଗଲେ। ଯାହା ହେଉ ଏମାନେ ମୋର ଜନ୍ମଦିନ ଭୁଲି ନାହାନ୍ତି। ତା’ପରେ ନାଲି ପ୍ୟାକେଟଟି ଖୋଲିଲେ। ଏ କ’ଣ ଏଥିରେ ସେ ରୀନା ପାଇଁ ଆଣିଥିବା ମୋବାଇଲ୍‌ଟି ଅଛି। ସେ ରୀନା ଆଡେ ଚାହିଁଲେ। ରୀନା କହିଲା– ପାପା, ଏ ମୋବାଇଲ୍ ମୋର ନୁହେଁ ତୁମର। ଆଜିଯାଏ ଯେତେବେଳେ ଆମେ ଯାହା ମାଗିଛୁ ତୁମେ ଆମକୁ ଆଣି ଦେଇଛ। କିନ୍ତୁ ନିଜ ପାଇଁ କେବେ କିଛି କିଣିନ। ଆମ ଖୁସି ଲାଗି ତୁମେ ତୁମ ଖୁସି କଥା କେବେ ଭାବିନ। କେବେ ନିଜ ସ୍ୱାର୍ଥ ଦେଖିନ। ଆଜିଠାରୁ ଏ ମୋବାଇଲ୍ ତୁମେ ବ୍ୟବହାର କରିବ। ତୁମର ପୁରୁଣା ମୋବାଇଲଟା ରଖିଦିଅ। ଆକାଶ ମଧ ଦୌଡି ଆସି ବାପାଙ୍କୁ କୁଣ୍ଢାଇ ଧରି କହିଲା–ହଁ ବାପା, ଏଇଟା ତୁମର। ପୁଅ, ଝିଅଙ୍କ ଏପରି ବ୍ୟବହାରରେ ଅମିତ୍‌ବାବୁ କୁଣ୍ଢେମୋଟ ହୋଇଗଲେ। ପୁଅ, ଝିଅ ଓ ସ୍ତ୍ରୀଙ୍କୁ କୁଣ୍ଢାଇ ଧରି ତାଙ୍କ ଆଖିରୁ ଦୁଇଧାର ଲୁହ ବୋହିଗଲା। ହଠାତ୍ ଅମିତ୍‌ବାବୁ କହିଲେ–ମୁଁ ତ ଗୋଟିଏ ବ୍ୟାଗ୍‌ରେ ମୋବାଇଲ୍‌ଟି ଆଣିଥିଲି। ହେଲେ ହଠାତ୍ କେମିତି ଏହା ନାଲି ପ୍ୟାକେଟ୍‌ରେ ରହିଗଲା। ସମସ୍ତେ ତ ମୋ ସାମ୍ନାରେ ଥିଲ। ଏ କଥା ଶୁଣି ସମସ୍ତେ ହସି ଉଠିଲେ। ସେତେବେଳକୁ ରୀନାର ସାଙ୍ଗ ଜ୍ୟୋତି ପାଖ ଘରୁ ବାହାରି ଆସି ମୁଣ୍ଡିଆ ମାରି କହିଲା–ଅଙ୍କଲ, ଆପଣମାନେ ଯେତେବେଳେ କେକ୍ କାଟୁଥିଲେ, ମୁଁ ସେତେବେଳେ ମୋବାଇଲ୍‌ଟିକୁ ନାଲି କାଗଜରେ ପ୍ୟାକ୍ କରୁଥିଲି। ଏହା ଶୁଣି ଅମିତ୍‌ବାବୁ କହିଲେ–ତେବେ ଏହା ଏକ ପ୍ରିପ୍ଲାନ୍ଡ୍ ପ୍ରୋଗ୍ରାମ୍। ନା ବାପା, ଏହା ହେଉଛି ପ୍ରି ପ୍ଲାନ୍ଡ୍ ଦିୱାଲି ଗିଫ୍ଟ। ଏତିକି ବେଳେ ବାହାରେ ବାଣ ଫୁଟିବା ଆରମ୍ଭ ହୋଇଯାଇଥିଲା।

– **ନିଝାର ଅଲ୍ଲୀ ଦାମାନୀ**
ବଚପନ୍ ପ୍ଲେ ସ୍କୁଲ, ହାକିମ୍‌ପଡା, ଅନୁଗୋଳ
ମୋ: ୯୮୫୩୩୫୩୭୦୬

## ବିନ୍ଦୁ ଯୋଡ଼



## ଖିଲିଖିଲି ହସ

(ପିଙ୍କୁ ଚିକୁ ମଧ୍ୟରେ କଥାବାର୍ତ୍ତା)
ପିଙ୍କୁ: ଚିକୁ ତୋତେ ଆଶ୍ଚର୍ଯ୍ୟ ଲାଗୁନି ଯେ ଅଣ୍ଡା ଭିତରେ ଛୁଆ ଆସେ କେମିତି ?
ଚିକୁ: ପିଙ୍କୁ,ମୋତେ ବି ଆଶ୍ଚର୍ଯ୍ୟ ଲାଗୁଛି ଅଣ୍ଡା ଭିତରକୁ ଛୁଆଟା କେଉଁବାଟେ ପଶିଲା, ସେ କଥା ମୁଁ ମଧଭାବୁଛି।

ଅଜ୍ଜୁ : ରାଜୁ , ଜାଣିଲୁ କାଲି ବାର୍ଥ ଡେ’ରେ ବାପା ମୋତେ ହାତୀ, ଘୋଡା, ଓଟ ଗିଫ୍ଟ ଦେଇଥିଲେ।
ରାଜୁ: ଅଜ୍ଜୁ, ମୋତେ ଟିକେ ଦେଖେଇବୁ ?
ଅଜ୍ଜୁ: ଏବେ ଦେଖାଉଛି କହି ତା’ ବ୍ୟାଗ୍‌ରୁ ଚେସ୍ ଗେମ୍ କାଢ଼ି ରାଜୁକୁ ଦେଖାଇଲା।
ରାଜୁ: ଏ କ’ଣ ଅଜ୍ଜୁ ?
ଅଜ୍ଜୁ: ଏଇଟା ତ ମୋ ହାତୀ, ଘୋଡା, ଓଟ।

ଗୋଲୁ: ଆଚ୍ଛା, ମୋନୁ କହିଲୁ ରାତିରେ ସୂର୍ଯ୍ୟ କୁଆଡେ ଚାଲିଯାଏ ?
ମୋନୁ: ସୂର୍ଯ୍ୟ ତ କୁଆଡେ ଯାଏନି, ରାତିରେ ଅନ୍ଧାର ହୋଇଥିବାରୁ ଆମେ ତାକୁ ଦେଖିପାରି ନ ଥାଉ।

## ଚଗଲା ଭୀମୁ



# ଦୀପର ପର୍ବ ଦୀପାବଳି



ଆଲୋକର ପର୍ବ ଦୀପାବଳିକୁ ଧୁମ୍‌ଧାମରେ ପାଳନ କରିବା ଲାଗି ଏବେ ସମସ୍ତଙ୍କ ମନରେ ଆଗ୍ରହ ଏବଂ ଉତ୍କଣ୍ଠା । ଦୀପ ଏବଂ ଆଲୋକ ମାଳାରେ ଘର ସଜେଇବା ସହ ବିଭିନ୍ନ ପିଠା ମିଠା ଖାଇ ନିଜ ବନ୍ଧୁ ପ୍ରିୟଜନଙ୍କ ସାଙ୍ଗେ ଏହି ପର୍ବ ପାଳନ କରିବାର ଅନୁଭୂତି ହିଁ କିଛି ନିଆରା । ତେବେ ଏହି ପର୍ବକୁ ପିଲାମାନେ କିଭଳି ପାଳିବା ପାଇଁ ଯୋଜନା କରିଛନ୍ତି ତାଙ୍କଠୁ ଜାଣିବା....



**● ବାଣ ଫୁଟେଇବା ଉପରେ ଗୁରୁତ୍ୱ ନ ଦେଇ ସାଜସଜ୍ଜା ଉପରେ ବିଶେଷ ଧ୍ୟାନ ଦେବୁ:** ପ୍ରତିବର୍ଷ ଦୀପାବଳିକୁ ମୁଁ ବେଶ ଉତ୍ସାହର ସହ ପାଳନ କରିଥାଏ । ଏହି ଦିନ ପୂରା ପରିବାର ଏକାଠିଥାଉ । ଏହି ବର୍ଷ ଆମେ ଭାଇ ଭଉଣୀ ମିଶି ଘରକୁ ଦୀପ, କ୍ୟାଣ୍ଡେଲ, ଆଲୋକମାଳାରେ ସଜାଇବୁ । ବାଣ ଆତସବାଜି କମ୍ ଫୁଟାଇବା ପାଇଁ ମଧ୍ୟ ଯୋଜନା କରିଛୁ । କାରଣ ଏଥିରୁ ନିର୍ଗତ ହେଉଥିବା ଧୂଆଁ ଦ୍ୱାରା ଆମ ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେଉଛି । ତେଣୁ ଏବର୍ଷ ଠାରୁ ବାଣ ଫୁଟେଇବା ଉପରେ ଗୁରୁତ୍ୱ ନ ଦେଇ ସାଜସଜ୍ଜା ଉପରେ ବିଶେଷ ଧ୍ୟାନ ଦେବୁ । ଏହି ଅବସରରେ ମାଆ ବିଭିନ୍ନ ମିଠା ଏବଂ ପିଠା ବନେଇବେ । ତେଣୁ ଏହାର ଭରପୂର ଆନନ୍ଦ ନେବା ସହ ସାହି ସାଙ୍ଗ ସାଥୀଙ୍କ ସହ ଦିନଟିକୁ ଭରପୁର ଉପଭୋଗ କରିବାକୁ ଚିନ୍ତା କରିଛି ।

– **ମଧୁମାଳତୀ ସାହୁ,** କ୍ଲାସ-୧୦, ଯାଜପୁର ଜିଲା ସ୍କୁଲ, ଯାଜପୁର



**● ଅତି ଶବ୍ଦ କରୁଥିବା ବାଣ ଫୁଟାଇବି ନାହିଁ:** ବର୍ଷକୁ ଥରେ ଆସେ ଏହି ଆଲୋକର ପର୍ବ । ତେଣୁ ଏହି ଅବସରକୁ ମନଭରି ଉପଭୋଗ କରିବାର ସୁଯୋଗକୁ ମୁଁ ଆଦୌ ହାତଛଡା କରେ ନାହିଁ । ଏଇଥର ଦୀପାବଳିରେ ମୁଁ ବାବା, ମାମା, ଭାଇ ଭଉଣୀଙ୍କ ସହ ମିଶି ସନ୍ଧ୍ୟାବେଳେ ଘରକୁ ଦୀପରେ ସଜାଇବି । ଅତି ଶବ୍ଦ କରୁଥିବା ବାଣ ନ ଫୁଟାଇ ଫୁଲଝରି, ଧୁପ୍‌ଧୁପି, ଦିଆସିଲି ବାଣ ଆଦି ଫୁଟାଇବି । ଏହି ଅବସରରେ ଆମ ଗାଁ କାଳୀ ପୂଜା ଅନୁଷ୍ଠିତ ହୁଏ । ସେଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ । ମୁଁ ସେଥିରେ ଭାଗ ନେଇ ନୃତ୍ୟ ପରିବେଷଣ କରିବି । ମାଆଙ୍କ ହାତ ତିଆରି ପିଠାପଣା ଖାଇ ଦିନଟିକୁ ଆନନ୍ଦରେ କାଟିବି ।

– **ଲଛିତା ପଣ୍ଡା,** କ୍ଲାସ-୪, ଏସ୍‌ପିଡି ଇଂଲିଶ ମିଡିୟମ ସ୍କୁଲ, ଭଦ୍ରକ



**● ଦୀପାବଳି ମୋ ପାଇଁ ଏକ ଆନନ୍ଦର ପର୍ବ:** ଏହି ପର୍ବରେ ସନ୍ଧ୍ୟା ସମୟରେ କାଉଁରିଆ କାଠି ଜଳାଇ ପୂର୍ବପୁରୁଷଙ୍କୁ ଆରାଧନା କରାଯାଏ । ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ମୋ ପାଇଁ ଆନନ୍ଦର ପର୍ବ ହେବ । ଆମ ପରିବାରରେ ଏହି ପର୍ବ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଏ । କିନ୍ତୁ ଏହାକୁ ବିନା ବାଣରେ ପାଳନ କରାଯାଏ । କାରଣ ବାଣ ଫୁଟିବା ପରେ ବାଣରୁ ବାହାରୁଥିବା ଧୂଆଁ ଆମ ବାୟୁମଣ୍ଡଳକୁ ପ୍ରଦୂଷିତ କରିଥାଏ । ଏହା ମଧ୍ୟ ଆମ ଶରୀରକୁ ଯାଇ ବହୁତ ପ୍ରକାର କ୍ଷତି ପହଞ୍ଚାଇଥାଏ ।

–**ସନ୍ତୋଷ କୁମାର ସାହୁ,** କ୍ଲାସ-୭, କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ, କୋଣାର୍କ



**● ଦୀପ ଓ କ୍ୟାଣ୍ଡେଲ ଲଗାଇ ଘରକୁ ଆଲୋକିତ କରିବି:** ମୁଁ ଏବର୍ଷ ଦୀପାବଳିରେ ବେଶୀ ବାଣ ନ ଫୁଟାଇ ଦୀପ ଓ କ୍ୟାଣ୍ଡେଲ ଲଗାଇ ଘରକୁ ଆଲୋକିତ କରିବି । ଏହାଦ୍ୱାରା ଆମ ଘର ସୁନ୍ଦର ଦେଖାଯିବ । ବାଣ ଫୁଟାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ହୁଏ । ମୋ ଦ୍ୱାରା ଯାହା ସମ୍ଭବ ହେବ ମୁଁ ବାଣଠୁ ନିଜକୁ ଦୂରେଇ ରଖିବି ଏବଂ ଏହାକୁ ଫୁଟାଇବା ସମୟରେ କିପରି ସତର୍କତା ଅବଲମ୍ବନ କରିବାକୁ ହେବ ସେ ସମ୍ପର୍କରେ ଅନ୍ୟ ମାନଙ୍କୁ ସୂଚନା ଦେବି ।

–**ଯୁବରାଜ ତ୍ରିପାଠୀ ଶର୍ମା,** କ୍ଲାସ-୬, ଜର୍ଜ ହାଇସ୍କୁଲ, ବରଗଡ



**● ବଡ ବଡୁଆଙ୍କୁ ଡାକିବା ଲାଗି ଏହି ପର୍ବ ପାଳନ କରିଥାଉ:** ଦୀପାବଳି ଦିନ ଦୀପ ଜାଳି ବଡ ବଡୁଆଙ୍କୁ ଡାକିଥାଉ । ଏଥର ଦୀପାବଳିକୁ ମୁଁ ଜାକଜମକରେ ପାଳନ କରିବି । ଦୀପାବଳିରେ ଆମ ଘରେ ବିଭିନ୍ନ ପ୍ରକାର ରଙ୍ଗିନ ଲିଚୁ ଲଗାଇ ସଜାଇବୁ । ବହୁତ ମଜା ଲାଗେ ଦେଖିବାକୁ । ଏଥର ଦୀପାବଳିରେ ମୁଁ ଶବ୍ଦ ହେଉ ନଥିବା ବାଣ ଫୁଟାଇବି । ଯାହା ଫଳରେ ଶବ୍ଦ ପ୍ରଦୂଷଣ ହେବନି ।

– **ରୂପାଲି ସିଂ ଠାକୁର**
କ୍ଲାସ-୭,ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ୍ ଏଜୁକେସନ୍ ସେଣ୍ଟର,ବୋରିଆ,କଳାହାଣ୍ଡି



**● ଘରେ ତିଆରି କରିଛି ମାଟିଦୀପ:** ପ୍ରତିବର୍ଷ ଭଳି ଚଳିତବର୍ଷ ଦୀପାବଳି ପାଇଁ ମୁଁ ପ୍ରସ୍ତୁତି ଆରମ୍ଭ କରିଛି । ଘରେ ମାଟି ଦୀପ ତିଆରି କରି ଦୀପାବଳି ଦିନ ଜାଳିବା ପାଇଁ ସାଇତି ରଖିଛି । ରାସାୟନିକ ଏବଂ ବିପଦପୂର୍ଣ୍ଣ ବାଣ ନ ଫୁଟାଇ କେବଳ ଝରଝରି ବାଣ ଫୁଟାଇବା ପାଇଁ ମନସ୍ଥ କରିଛି । ଦୀପାବଳି ଦିନ ଯେତେଦୂର ବିସ୍ଫୋରକ ଓ ଶରୀରକୁ କ୍ଷତି ପହଞ୍ଚାଉଥିବା ବାଣଠାରୁ ଦୂରେଇ ରହିବାକୁ ଚେଷ୍ଟା କରିବି ।

– **ଅଭିଷେକ ରାଉତ,** କ୍ଲାସ - ୫, ରଘୁପତି ଆଇଡିଆଲ୍ ସ୍କୁଲ୍ ଅଫ୍ ଏଜୁକେଶନ୍, ନାଉସିରା, ତିର୍ତ୍ତୋଲ



















୧


୨



୩



୪


୮


୫



୬



୭


୯


୧
ଯାଜ୍ଞସ୍ମିତା ପାଢ଼ୀ
କ୍ଲାସ-୩,ଶ୍ରୀ ସତ୍ୟ ସାଇ ବିଦ୍ୟାମନ୍ଦିର, ବାଲୁଗାଁ, ଖୋର୍ଦ୍ଧା


୨
ସତ୍ୟମ୍ ଷଡଙ୍ଗୀ
କ୍ଲାସ-୬,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ଟାଙ୍ଗୀ, କଟକ


୩
ଅକ୍ଷଦା ସାହୁ
କ୍ଲାସ-୪,ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭୁବନେଶ୍ୱର


୪
ଅଙ୍କିତା ଦାଶ
କ୍ଲାସ- ୮, ଷ୍ଟୁଆର୍ଟ ସ୍କୁଲ, ଭୁବନେଶ୍ୱର


୫
ଅନୁଷ୍କା ବେଉରା
କ୍ଲାସ-୫,ସେଣ୍ଟ ଜୋଶେଫ୍ ହାଇୟର ସେକେଣ୍ଡାରୀ ସ୍କୁଲ,ଭୁବନେଶ୍ୱର


୬
ମନସ୍ୱିନୀ ସାହୁ
କ୍ଲାସ-୯, କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ


୭
ସାଦ୍ୟାନ୍ତ ଶତପଥୀ
କ୍ଲାସ-୧, ମଦର୍ସ ପବ୍ଲିକ୍ ସ୍କୁଲ, ପୁରୀ


୮
ସମୀକ୍ଷା ସାମଲ
କ୍ଲାସ-୭,ଶ୍ରୀ କଳିଙ୍ଗ ବିଦ୍ୟାପୀଠ, ଉମରକୋଟ, ନବରଙ୍ଗପୁର


୯
ଅନନ୍ୟା ରୂପାଲୀ ତ୍ରିପାଠୀ
କ୍ଲାସ-୫,ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପାଲି, ମାଲକାନଗିରି



# କବିତା

## ଦୀପାବଳିର ସ୍ଲୋଗାନ

**ବା**ଣ ଛାଡି ଆମେ ଦୀପ
ଜଳେଇବା
ଆସିବେ ବଡବଡୁଆ
ପରିବେଶ ପ୍ରତି ନିଘା ରଖିଥିଲେ
ହବନି କିଛି ଅଡୁଆ ।
ବାଣ ଫୁଟାଇଲେ ସେଥିରୁ
ବାହାରେ
ବିଷାକ୍ତ ଗ୍ୟାସ କେତେ
ବିଷାକ୍ତ କରଇ ବାୟୁ ମଣ୍ଡଳକୁ
ଗରଳ ଢାଳଇ ସତେ ।
ଗନ୍ଧକ ଫସଫରସ ଓ କାର୍ବନ
ବାଣରୁ ହେଉଛି ଜାତ
ଧୂଳିକଣା ସହ ଘୂରିବୁଲେ ପୁଣି
ବାୟୁକୁ କରେ ବିଷାକ୍ତ ।
ବାୟୁରେ ବଢାଏ ଅସ୍ୱଚ୍ଛ ପଦାର୍ଥ
ସୂର୍ଯ୍ୟଙ୍କୁ ଲୁଚାଇ ଦିଏ
ଦିନରେ କରଇ ରାତି ଭ୍ରମ ସୃଷ୍ଟି
ଯୋଗାଯୋଗ ରୋକିଥାଏ ।
ନିଃଶ୍ୱାସ ପ୍ରଶ୍ୱାସେ ବାଧା ସୃଷ୍ଟି ହୁଏ
ଭୟଙ୍କର ରୋଗ ବ୍ୟାପେ
ଶିଶୁ ଆଉ ବୃଦ୍ଧ ଶୋଇ ପାରନ୍ତିନି
ସତେକି ପୃଥିବୀ କମ୍ପେ ।
ବାଣ ଫୁଟାଇଲେ ଅଗ୍ନିକାଣ୍ଡ ହୁଏ
ଜଳିଯାଏ ଘରଦ୍ୱାର
ଗୋଡ ହାତ ପୋଡି ଫୁଟୁକା
ହୋଇବ
ଅକର୍ମଣ୍ୟ ହେବା ସାର ।
ବାଣ ଫୁଟାଇବା ପଇସା ପୋଡିବା
ସହିତ ଅଟେ ସମାନ
ବାଣ ନ ଫୁଟାଇ ପଇସା ସଞ୍ଚିବା
ଦୀପାବଳିର ସ୍ଲୋଗାନ ।

**–ଅରୂପ କୁମାର ବିଶ୍ୱାଳ**
ପାରାଦ୍ୱୀପ
ମୋ:୯୦୪୦୮୭୦୧୦୦

## ଶୁଭ ଦୀପାବଳି କହୁଛି

**ମୁଁ** ପରା ତୁମର ଦୀପାବଳି ପର୍ବ କହୁଛି
ମୋର ଲାଗି ଚଉଦିଗ ଆଲୋକିତ ହେଉଛି ।
ଦୀପ, ଲିଚୁ ଜାଳି ବାଣ ଭଳି ଫୁଟାଅ
ଅମା ଅନ୍ଧକାରେ ଖୁସିର ଆଲୋକ ଛୁଟାଅ ।
କୁମ୍ପି, ଫୁଲଝରି ଚକ୍ରି ଫରିଫିରି ଜଳାଅ
ବାଣ ମାରିଦେଇ ପାଖରେ ନ ରହି ପଳାଅ ।
ତୁମ ସଉକିନି ଖୁସିବାସି ପାଇଁ ଆସୁଛି
ପୂଜାପାର୍ବଣରେ ଦିଗ ମହମହ ବାସୁଛି ।
ତୁମେ ପିଲାମାନେ ଦୀପଟିଏ ପରି ହୋଇବ
ପରସେବା କରି ମନରେ ଆନନ୍ଦ ପାଇବ ।
ଟିକି ଦୀପଟିଏ ଶହ ଶହ ଦୀପ ଜଳାଏ
ଚଉଦିଗ ଧରି ଅଜ୍ଞାନ ଅନ୍ଧାର ଟଳାଏ ।
ବାଣ ଫୁଟାଇ କି ଶହଶହ ଟଙ୍କା ସାରିବ
ଏ ଟଙ୍କାରେ କେତେ ଅକ୍ଷମଙ୍କ ପେଟ ପୂରିବ ।
ଅନାଥ ଗରିବ ଜୀବନ ତ ଆମ ପରିକା
ସହାୟତା ବଳେ ପାଇବେ ବଞ୍ଚିବା ତରିକା ।
ପୟାଶ୍ରାଦ୍ଧ ପଡେ ଏହି ମୋ ପରବ ଦିନରେ
ଶ୍ରଦ୍ଧାଞ୍ଜଳି ଦେବି ପୂର୍ବ ପୁରୁଷଙ୍କୁ ଧ୍ୟାନରେ ।
ଝଲସି ଉଠିବ ଏଇଦିନ ସାରା ମୁଲକ
ପିଲା, ଟୋକା, ବୁଢ଼ା ସଭିଙ୍କ ମନରେ ପୁଲକ ।
ବିପଦ ନ ଥିବା ବାଣ ସବୁ ତୁମେ ମାରିବ
କ୍ଷତି ହେଲେ କିଆଁ ପରଜନେ ଦୁଃଖ ଭରିବ ।
ମୋର ଏହି ପର୍ବେ ଶ୍ୟାମାକାଳୀ ପୂଜା କରହେ
ମିଶି ସାଥୀ ମିତ ମନରେ ଆନନ୍ଦ ଭରହେ ।

**–କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯

## ଆସିଗଲା କାଳୀ ପୂଜା



**ଆ**ସିଗଲା କାଳୀ ପୂଜା ପଡ଼ିଗଲା ଚହଳ
ଚାହୁଁ ଚାହୁଁ ପୁରପଲ୍ଲୀ ହେଲା ଭାରି ଗହଳ ।
ମାଆ ଡାକ ପ୍ରତି କଣ୍ଠୁ ପଡ଼ିଲାଣି ଉଛୁଳି
ଚଣ୍ଡୀପାଠ କରିବାକୁ ନନାବାନ୍ଧେ ପୁଚୁଳି ।
ବରଷକ ପରେ ଆସିଅଛି ଏହି ପରବ
ସବୁରି ଘରେ ଆଜି ପିଠାପଣା ଦରବ ।
ବଡ଼ବଡୁଆଙ୍କୁ ପିଣ୍ଡ ଦେବେ ବାପା ଯତନେ
ଗୋସେଇଁଙ୍କ ମନ୍ତ୍ର ଶୁଣୁଥିବା ଭାବ ମଗନେ ।
ଯୁଆଡେ ଚାହିଁବ ଖାଲି ଦୀପର ଝଲକ
ଦେଖି ଆଖି ଲାଗିରହେ ପଡେନାହିଁ ପଲକ ।
ଗୁରୁ ଗୁରୁଜନ କିଛି ବାଣଫୁଟା ହରଷେ
ହସୁଥାଅ କୁନା–କୁନି ଦୀପାବଳିର ପରଶେ ।
କାଉଁରିଆ ଜାଳି ଦେବା ଡାକି ବଡ଼ବଡୁଆ
ଢାଳିଦେବେ ଶୁଭାଶିଷ ତୁଟିଯିବ ଅଡୁଆ ।

**–ଚିତ୍ତରଞ୍ଜନ ପଟ୍ଟନାୟକ**
ଘୁଟୁକେଶରୀ, ନରଣପୁର
କେନ୍ଦୁଝର
ମୋ: ୯୪୩୭୭୮୨୫୦୦



## ଆଲୋକର ପର୍ବ

**ଦୀ**ପାବଳି ପର୍ବ ଅଟେ
ସତ୍ୟ ଆଲୋକର
ନାଶ କରିଥାଏ ଦୁଷ୍ଟ
ଅସୁର ଶକ୍ତିର ।
ତ୍ରେତୟାରେ ବଧକରି
ଦୈତ୍ୟ ରାବଣକୁ
ଶ୍ରୀରାମ ଉଦ୍ଧାର କଲେ
ଲଙ୍କାରୁ ମା' ସୀତାଙ୍କୁ ।
ବିଜୟ ବାରତା ପାଇ
ଅଯୋଧ୍ୟା ବାସିଏ
ଆନନ୍ଦେ ବିଭୋର ହେଲେ
ପାଗଳ ପରାଏ ।
ଶ୍ରୀରାମଙ୍କ ସ୍ୱାଗତରେ
ଦୀପାଳି ଜଳାଇ
ଦେଶସାରା ଆଲୋକିତ
କଲେ ଖୁସିହୋଇ ।
ଏଣୁ ହିନ୍ଦୁ ସମ୍ପ୍ରଦାୟ
ପର୍ବ ଦୀପାବଳି
ହର୍ଷ ଉଲ୍ଲାସେ ପାଳନ୍ତି
ଘିଅଦୀପ ଜାଳି ।
ଏଦିନ ପିତୃପୁରୁଷଙ୍କୁ
ପିଣ୍ଡଦାନ ହୁଏ
ବଡ଼ବଡୁଆଙ୍କ ଆଶିଷେ
ପାପ କ୍ଷୟଯାଏ ।
ବାରୁଦବାଣ ଫୁଟାଇ
ଏବେ ଦିୱାଲିରେ
ପରିବେଶ ପ୍ରଦୂଷିତ
ହେଉଛି ଏଥିରେ ।
ପର୍ବ ପାଳିଥାଉ ଧନ,
ସ୍ୱାସ୍ଥ୍ୟ ରକ୍ଷା ପାଇଁ
ସୁସ୍ଥ ପରିବେଶ ପରା
ଲୋଡା ଏଥିପାଇଁ ।
ଶୁଦ୍ଧ ସୁସ୍ଥ ପରିବେଶ
ପୂଜିଲେ ମା' କାଳୀଙ୍କୁ
ଆଶିଷ ବରଷି ଦେବେ
ମା' ଦେଶବାସୀଙ୍କୁ ।

**–ସବିତା ମଞ୍ଜରୀ ଦାଶ**
ପ୍ଲଟ ନଂ–୭/ଡି,୧୩୧୦
ସେକ୍ଟର–୯,ସିଡିଏ, କଟକ



ପାର୍ଥକ୍ୟ ଦର୍ଶାଅ

## ଏଥରର ପ୍ରଶ୍ନ

- ନାରକାସୁରକୁ କିଏ ବଧ କରିଥିଲେ?
- ଦୀପାବଳିର ପ୍ରଥମ ଦିନକୁ କେଉଁ ନା'ରେ ପାଳନ କରାଯାଏ?
- ଧନତେରାସ ଅବସରରେ କେଉଁ ଦେବତାଙ୍କୁ ଆରାଧନା କରାଯାଏ ?
- ଥାଇଲାଇ ଦୀପାବଳି କେଉଁ ରାଜ୍ୟରେ ପାଳନ କରାଯାଏ?
- ପଶ୍ଚିମବଙ୍ଗରେ ଦୀପାବଳି ଆଉ କେଉଁ ନାମରେ ମଧ୍ୟ ପାଳନ କରାଯାଏ?

## ଆଗଥରର ଉତ୍ତର

*ହମିଦ ଅନସାରୀ
*ଅଭିମନ୍ୟୁ
*ସୂର୍ଯ୍ୟ
*ମକା
*ପାଉଣ୍ଡ



# ଇକୋ ଫ୍ରେଣ୍ଡଲି ଦିୱାଲି

**ଯୁଗ ଆଧୁନିକ ହେବା ସହ ଉତ୍ସବ ପାଳନ କରିବାର ଶୈଳୀରେ ମଧ୍ୟ ଆସିଛି ପରିବର୍ତ୍ତନ। ବାଣ ଆତସବାଜିଠାରୁ ଦୂରେଇ ଏବେ ପ୍ରାୟ ଅନେକେ ସଚେତନ ହେଲେଣି ଇକୋ ଫ୍ରେଣ୍ଡଲି ଦୀପାବଳି ପାଳନ କରିବା ଲାଗି। ତେବେ କିଭଳି ଭାବେ ଆମେ ପରିବେଶକୁ ପ୍ରଦୂଷଣ ନ କରି ଏହି ଆଲୋକର ପର୍ବକୁ ମହାଆଡମ୍ବର ସହ ପାଳନ କରିପାରିବା ଜାଣନ୍ତୁ ସେ ସମ୍ପର୍କରେ...**

**ଡିଜାଇନର ଦୀପ:** ଆଲୋକର ପର୍ବ ଦୀପାବଳିରେ ଘରେ ଘରେ ଦୀପ ଜାଳିବାର ପ୍ରଥା ରହିଛି। ତେବେ ପାରମ୍ପରିକ ମାଟିଦୀପ ଅପେକ୍ଷା ବର୍ତ୍ତମାନ ରଙ୍ଗବେରଙ୍ଗର ଡିଜାଇନର ଦୀପ ଯଥା- ଟେରାକୋଟା ଦୀପ, ଅଟା ଦୀପ, ଚାଇନାମାଟି ଦୀପ ଆଦି ଦ୍ୱାରା ଘରକୁ ସୁନ୍ଦର ଭାବେ ସଜାଇ ପାରିବା।

**ଡେକୋରେଟିଭ କ୍ୟାଣ୍ଡେଲ:** ଦୀପ ଭଳି ଦୀପାବଳିରେ ଡେକୋରେଟିଭ କ୍ୟାଣ୍ଡେଲର ଚାହିଦା ଖୁବ୍ ଅଧିକ। ବଜାରରେ ମିଳୁଥିବା ବିଭିନ୍ନ ଡେକୋରେଟିଭ କ୍ୟାଣ୍ଡେଲ ଯଥା ଜେଲ କ୍ୟାଣ୍ଡେଲ, ଫ୍ଲାୱାର କ୍ୟାଣ୍ଡେଲ, ସ୍ପାର୍କଲିଙ୍ଗ କ୍ୟାଣ୍ଡେଲ, ସେଣ୍ଟେଡ୍ କ୍ୟାଣ୍ଡେଲ, ଫ୍ଲୋଟିଂ କ୍ୟାଣ୍ଡେଲ ଆଦି ଦ୍ୱାରା ଆମେ ଘରକୁ ସଜେଇ ପାରିବା।

**ଷ୍ଟାଇଲିଶ୍ ଲାଇଟ:** ଦୀପାବଳି ଅବସରରେ ଆଲୋକରେ ଝକ୍‌ମକ୍ କରୁଥିବା ଘରଟିକୁ ଦେଖିଲେ ଉତ୍ସବ ପାଳନ କରିବାର ଉତ୍ସାହ ଦ୍ୱିଗୁଣିତ ହୋଇଯାଏ। ତେବେ ଖାସ୍ ଦୀପାବଳି ପାଇଁ ବର୍ତ୍ତମାନ ନୂଆ ନୂଆ ଡିଜାଇନର ଲାଇଟ ଯଥା ଲିଚୁ ଲାଇଟ, ଏଲଇଡି ଲାଇଟ, ଝୁମର ଲାଇଟ ଆଦି ମାର୍କେଟରେ ଉପଲବ୍ଧ ହେଉଛି। ପସନ୍ଦ ମୁତାବକ ଯେକୌଣସି ଲାଇଟ ଦ୍ୱାରା ଘରକୁ ସଜେଇପାରିବା।

**ରଙ୍ଗିନ ରଙ୍ଗୋଲି:** ଦୀପାବଳିର ରଙ୍ଗିନ ମାହୋଲକୁ ଆଉ ଟିକିଏ ରଙ୍ଗିନ କରିଥାଏ ରଙ୍ଗୋଲି। ବିଭିନ୍ନ ଫୁଲ, ରଙ୍ଗିନ ମୁରୁଜ, ମାର୍କେଟରେ ମିଳୁଥିବା ରଙ୍ଗୋଲି ଷ୍ଟିକର, କୁନ୍ଦନ ରଙ୍ଗୋଲି, ଆକ୍ରିଲିକ ରଙ୍ଗୋଲି ଆଦି ଦ୍ୱାରା ଘର ସଜେଇପାରିବା।

**ୱାଲ୍ ହ୍ୟାଙ୍ଗିଙ୍ଗ୍ ଓ ତୋରଣ:** କେବଳ ଲାଇଟ, କ୍ୟାଣ୍ଡେଲ ବା ରଙ୍ଗୋଲି ନୁହେଁ ବିଭିନ୍ନ ୱାଲ୍ ହ୍ୟାଙ୍ଗିଙ୍ଗ ଏବଂ ତୋରଣ ଦ୍ୱାରା ମଧ୍ୟ ଘରକୁ ଡେକୋରେଟ କରିପାରିବା। ପେପର ୱାଲ ହ୍ୟାଙ୍ଗିଙ୍ଗ, ମିରର୍ ୱାଲ ହ୍ୟାଙ୍ଗିଙ୍ଗ, ହ୍ୟାଣ୍ଡମେଡ ୱାଲ ହ୍ୟାଙ୍ଗିଙ୍ଗ, ଦିଆ ୱାଲ ହ୍ୟାଙ୍ଗିଙ୍ଗ୍, ଫୁଲ ପତ୍ରରେ ନିର୍ମିତ ତୋରଣ ଆଦି ଦ୍ୱାରା ଘରକୁ ସଜେଇ ଦୀପାବଳି ପାଳିବାର ଅବସରକୁ ଆଉ ଟିକିଏ ରଙ୍ଗିନ କରିପାରିବା।

**ସୁସ୍ୱାଦୁ ମିଠା ଓ ପିଠା:** ଖାଇବା ପିଇବା ବିନା ଉତ୍ସବ ଅଧୁରା ଲାଗେ। ତେବେ ଦୀପାବଳି ଅବସରରେ ନିଜ ବନ୍ଧୁ ପରିଜନଙ୍କ ସହ ମିଠାପିଠାର ଆଦାନ ପ୍ରଦାନ କରି ଏହି ଉତ୍ସବକୁ ଅତି ଆନନ୍ଦର ସହ ପାଳନ କରିପାରିବା।

## ସୁରକ୍ଷା ଟିପ୍ସ

**ଆଲୋକର ପର୍ବ ଦୀପାବଳିକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ପାଇଁ ସମସ୍ତେ ଥାଆନ୍ତି ଆଗ୍ରହୀ। ତେବେ ଏହି ଅବସରରେ କିଛି ସାବଧାନତା ଅବଲମ୍ବନ କରିବା ଜରୁରୀ, ଯାହାଦ୍ୱାରା ଏହି ଉତ୍ସବକୁ ସୁରକ୍ଷିତ ଭାବେ ପାଳନ କରାଯାଇପାରିବ...**

* ବାଣ ଫୁଟାଇବା ବେଳେ ସର୍ବଦା ସୂତା ବା କଟନ କପଡ଼ା ପରିଧାନ କରିବା ଜରୁରୀ।
* ଏହି ସମୟରେ ଜୋତା ମଧ୍ୟ ପିନ୍ଧିବା ନିହାତି ଆବଶ୍ୟକ।
* ଅଭିଭାବକ ବା ଘରର ଅନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ ବାଣ ଫୁଟାଇବା ଭଲ।
* ଲୋକମାନେ ଆତଯାତ କରୁଥିବା ସ୍ଥାନ, ରାସ୍ତା, ଘରଠାରୁ ଦୂରରେ ବାଣ ଫୁଟାନ୍ତୁ। ବାଣ ଫୁଟାଇବା ପାଇଁ ସବୁବେଳେ ଖୋଲା ସ୍ଥାନ ହିଁ ବାଛିବା ସବୁଠାରୁ ଭଲ।
* ଗୋଟିଏ ବାଣ ଫୁଟେଇଲା ବେଳେ କଦାପି ଆଉ ଏକ ବାଣକୁ ନିଜ ପକେଟ ବା ହାତରେ ଧରନ୍ତୁ ନାହିଁ।
* ବାଣ ରଖାଯାଇଥିବା ସ୍ଥାନ ଠାରୁ ଦୂରରେ ବାଣ ଫୁଟାଇବା ଆବଶ୍ୟକ।
* ଅଧିକ ଶବ୍ଦ ଉତ୍ପନ୍ନ କରୁଥିବା ବାଣ ଫୁଟାଇବା ଅନୁଚିତ।
* ବାଣ ହାତରେ ଧରିଥିବା ବେଳେ ଏଥିରେ ଥିବା ବାରୁଦ ହାତରେ ଲାଗିଯାଇଥାଏ, ଏହା ତ୍ୱଚା ବା ଆଖିରେ ଲାଗିଲେ ଅନେକ ସମସ୍ୟା ଦେଖାଦେଇଥାଏ। ତେଣୁ ବାଣ ଫୁଟେଇବାର ତୁରନ୍ତ ପରେ ହାତକୁ ଭଲଭାବେ ଧୋଇବା ଆବଶ୍ୟକ।
* ବାଣକୁ ହାତରେ ଧରି ଫୁଟାଇବା ଅନୁଚିତ। ଏହାକୁ କୌଣସି ବାଡ଼ି ସାହାଯ୍ୟରେ ହେଉ ବା ତଳେ ରଖି ଫୁଟାନ୍ତୁ।
* ଶରୀରଠାରୁ ଉଚିତ ବ୍ୟବଧାନ ରକ୍ଷାକରି ବାଣ ଫୁଟାଇବା ଭଲ।
* କୌଣସି ବାଣ ଫୁଟାଇବା ପୂର୍ବରୁ ତାହା କିପରି ଫୁଟିବ ସେ ସମ୍ପର୍କରେ ଅବଗତ ହେବା ଜରୁରୀ।
* ଯଦି କୌଣସି ବାଣ ଥରେ ଜଳେଇଲା ପରେ ନ ଫୁଟେ, ତେବେ ତାକୁ ଦ୍ୱିତୀୟ ଥର ଲଗାନ୍ତୁ ନାହିଁ।
* ଆଖପାଖରେ ଥିବା ବିଜୁଳି ତାରଠାରୁ ଦୂରେଇ ରହି ବାଣ ଫୁଟାନ୍ତୁ।
* ବାଣ ଫୁଟାଇବା ସ୍ଥାନରେ ଏକ ପାଣିପୂର୍ଣ୍ଣ ପାତ୍ର ନିହାତି ରଖନ୍ତୁ। ଏହା ବ୍ୟତୀତ ଜରୁରିକାଳୀନ ଔଷଧ ମଧ୍ୟ ପାଖରେ ରଖିବା ଆବଶ୍ୟକ।



# ଆଇନା



ଯାଶି
୭ ବର୍ଷ



ଯସମିନ୍
୧୪ ବର୍ଷ



ରମତାଲିନା
୫ ବର୍ଷ